
ଶନିବାର, ୨ ନଭେମ୍ବର, ୨୦୨୪

# ପିଲାଙ୍କ ଧରିତ୍ରୀ



# ଆମ ସୁରକ୍ଷା ଆମ ହାତରେ

ଗପ



ବଣ ମୁଲକରେ ଆଜି ଚାଞ୍ଚଲ୍ୟ ଖେଳିଯାଇଛି। ବାଘ ମହାରାଜଙ୍କର ଭେଣ୍ଡିଆ ପୁଅଟା ମଣିଷ ଗୁଳିର ଶିକାର ହୋଇଛି। ଅତି ନିର୍ମମ ଭାବରେ ଶିକାରୀମାନେ ତା' ଦେହକୁ ଖିନ୍‌ଭିନ୍ କରି ଚିରି ତା'ର ସୁନ୍ଦର ସୁକୋମଳ ଚମଡ଼ାକୁ ଉତାରି ନେଇଛନ୍ତି। ବାଘ ମହାରାଜ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ବାଘରାଣୀ ମା'ଙ୍କ ଆଖିରୁ ତ ଲୁହ ଶୁଖୁନି। ଏଭଳି ଏକ ଦୁଃଖଦ ମୁହୂର୍ତ୍ତରେ ମହାରାଜଙ୍କ ପରିବାରକୁ ସାନ୍ତ୍ୱନା ଦେବା ପାଇଁ ବଣ ରାଇଜର ସମସ୍ତ ପଶୁପକ୍ଷୀ ରାଜ ଉଆସରେ ଏକତ୍ରିତ ହୋଇଛନ୍ତି।

ବିଲୁଆ ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ରାଜଉଆସରେ ସମସ୍ତ ପଶୁପକ୍ଷୀଙ୍କୁ ନେଇ ଆରମ୍ଭ ହୋଇଛି ସଭା। ସିଂହାସନରେ ବିଷଣ୍ଣ ବଦନରେ ବସିଥିବା ବାଘ ମହାରାଜଙ୍କୁ ନମସ୍କାର ଜଣାଇ ହାତୀ ପ୍ରଥମେ କହିବାକୁ ଆରମ୍ଭ କଲା, ''ମହାରାଜ! ମୁଁ ବଣର ସବୁଠାରୁ ବଡ଼ ପ୍ରାଣୀ। ମୋ ଖାଇବା ପାଇଁ ପ୍ରଚୁର ଗଛଲତାର ଆବଶ୍ୟକ। ମାତ୍ର ମଣିଷ ଗଛ କାଟି ଜଙ୍ଗଲକୁ ପଦା କରୁଛି। ଖାଦ୍ୟ ଅଭାବରୁ ମୁଁ ଜନବସତି ଆଡ଼କୁ ଯିବାକୁ ବାଧ ହେଉଛି। ଲୋକଙ୍କ ଫସଲ ଖାଇବାରୁ ସେମାନେ ବିଜୁଳି ତାର ଖଞ୍ଜି ଆମକୁ ମାରି ଦେଉଛନ୍ତି।'' ମାଙ୍କଡ଼ କହିଲା, ''ମହାରାଜ! ମୋ ଦୁଃଖ ହାତୀଠୁ ତତୋଽଧିକ। ବଣରେ ଫଳମୂଳ ମିଳୁ ନାହିଁ। ତେଣୁ ମୁଁ ଓ ମୋ ପରିବାର ଗାଁଗଣ୍ଡାକୁ ଯିବାକୁ ବାଧ ହେଉଛୁ। ହେଲେ ସେ ନିର୍ମମ ମଣିଷ ଟେକାପଥର ମାରି, ବନ୍ଧୁକ ଫୁଟାଇ ଆମକୁ ମାରିପକାଉଛି ବା ଘଉଡ଼ାଇବାକୁ ଚେଷ୍ଟା କରୁଛି। ଭୋକ ଉପାସରେ ଆମେ ଆଉ କେତେଦିନ ବଞ୍ଚିବୁ?''

ଏତିକିବେଳେ ସୁନ୍ଦର, ଚପଳ ହରିଣଟିଏ ମହାରାଜଙ୍କୁ ପ୍ରଣାମ ଜଣାଇ କହିବାକୁ ଲାଗିଲା, ''ମହାରାଜ! ମୁଁ ଜଙ୍ଗଲର ସରଳ ଛୋଟ ପ୍ରାଣୀଟିଏ। ମୁଁ କେବେ କାହାର କିଛି କ୍ଷତି କରେ ନାହିଁ। ଅଥଚ ମଣିଷ ନିଜର ଜିହ୍ୱା ଲାଳସା ମେଣ୍ଟାଇବା ପାଇଁ ମୋତେ ଅନାୟାସରେ ଶିକାର କରୁଛି ଓ ମୋର ଚମଡ଼ା ଏବଂ ଶିଙ୍ଗ ବିକ୍ରି କରୁଛି। ଏମିତି ହେଲେ ଖୁବ୍‌ଶୀଘ୍ର ମୋ ବଂଶ ଲୋପ ପାଇଯିବ।''

ମୟୂର କହିଲା, ଆଜ୍ଞା! ମୁଁ ବଣ ରାଇଜର ସବୁଠୁ ସୁନ୍ଦର ପକ୍ଷୀ। ମୁଁ ଷଡ଼ ସ୍ୱରରେ ଗୀତ ଗାଇ ନୃତ୍ୟ ଆରମ୍ଭ କରିଦେଲେ ବନଭୂମି ହସିଉଠେ। ଆକାଶରୁ ମେଘ ଝରିଆସେ। ହେଲେ ମୋର ସୁନ୍ଦର ପର ଓ ମାଂସ ପାଇବା ପାଇଁ କ୍ରୂର ମଣିଷ ନିର୍ଦ୍ଦୟ ଭାବେ ଶିକାର କରିଚାଲିଛି। ଅହିରାଜ ସାପ ମଧ୍ୟ ଠିଆ ହୋଇ ନିଜର ଦୁଃଖ ଜଣାଇ ଆଖିରୁ ଲୁହ ଗଡ଼ାଇଲା।

ଏହାପରେ ଚିତାବାଘ, ବଜ୍ରକାପ୍ତା, ଝିଙ୍କ, ଗୋଧି, ଗଧିଆ, ବାର୍‌ହା, ଠେକୁଆ, ଶୁଆ, ଶାରୀ ଇତ୍ୟାଦି ସବୁ ପଶୁପକ୍ଷୀ ସେମାନଙ୍କ ପ୍ରତି ହେଉଥିବା ମଣିଷର ନିର୍ମମ ବ୍ୟବହାର ବିଷୟରେ ବଖାଣିବାକୁ ଲାଗିଲେ। ସବା ଶେଷରେ ଚତୁର ମନ୍ତ୍ରୀ ବିଲୁଆ କହିଲା, ''ମହାରାଜ! ଆପଣଙ୍କ ଭଳି ପରାକ୍ରମଶାଳୀ ରାଜାଙ୍କର ପୁଅକୁ ତ ମଣିଷ ଛାଡୁନି, ଆମେ ଛାର ପଶୁପକ୍ଷୀଙ୍କୁ ବା କିଏ ପଚାରେ!''

ଏତେବେଳକେ ବାଘ ମହାରାଜ କହିଲେ, ''ଆଜି ମୋର ଯେଉଁ ଦଶା ହୋଇଛି, ମୋ ପ୍ରଜାମାନଙ୍କର ସେପରି ହେବାକୁ ମୁଁ ଦେବି ନାହିଁ। ମଣିଷ ବୁଦ୍ଧିମାନ ହେଲେ ବି ଆମେ ବଳବାନ୍। ଆମେ ସମ୍ମିଳିତ ଭାବରେ ସେମାନଙ୍କ ଅତ୍ୟାଚାରର ମୁକାବିଲା କରିବା। ହେଲେ ସବୁ ମଣିଷ ଖରାପ ନୁହନ୍ତି। ଜଙ୍ଗଲ ତଥା ପଶୁପକ୍ଷୀମାନଙ୍କ ସୁରକ୍ଷା ଏବଂ ବଂଶବୃଦ୍ଧି ଦିଗରେ କେତେକ ବିଭିନ୍ନ ପଦକ୍ଷେପମାନ ହାତକୁ ନେଉଛନ୍ତି।''

ତେଣୁ ଆମର ପ୍ରଥମ କର୍ତ୍ତବ୍ୟ ହେଲା ଆମେ ଶିକାରୀ ମଣିଷମାନଙ୍କୁ ଭଲ ଭାବରେ ଚିହ୍ନିବା ଓ ସଂଘବଦ୍ଧ ଭାବେ ସେମାନଙ୍କୁ ଆକ୍ରମଣ କରିବା। ସେଥିପାଇଁ ଆମକୁ ସଦାସର୍ବଦା ସତର୍କ ରହିବାକୁ ପଡ଼ିବ ଏବଂ ଆମ ସଙ୍ଗଠନକୁ ସୁଦୃଢ଼ କରିବାକୁ ପଡ଼ିବ। କ'ଣ ବୁଝିଲେ ତ! 'ଆମ ସୁରକ୍ଷା ଆମ ହାତରେ।' ମହାରାଜଙ୍କ କଥା ସମସ୍ତଙ୍କ ମନକୁ ବେଶ୍ ଛୁଇଁଲା। ସମସ୍ତେ ରାଜାଙ୍କ କଥାରେ ଏକମତ ହେଲେ।

**ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

## ଖିଲି ଖିଲି ହସ

ପପୁ: ଜାଣିଛୁ, ସବୁବେଳେ ବାହାରେ ରହୁଥିବା ବ୍ୟକ୍ତି ଖୁସି ରୁହନ୍ତି ?
ଗାପୁ: କେମିତି ?
ପପୁ: କାହିଁକି ନା ସେ ସବୁବେଳେ ଘର ବାହାରେ ରୁହନ୍ତି, ଘରେ ରହିଲେ ମୁଣ୍ଡ ଖରାପ ହୋଇଯିବ।

ରାଜୁ କଫି ଶପ୍‌କୁ ଯାଇ କହିଲା– ଭାଇ କଫି ଏକ କପ୍‌କୁ କେତେ ଟଙ୍କା ?
କଫି ଶପ୍‌ର କର୍ମଚାରୀ କହିଲା– ସାର୍, ୨୦୦ ଟଙ୍କା।
ରାଜୁ: ଆଉ ଚିନି .... ?
କଫି ଶପ୍‌ର କର୍ମଚାରୀ– ସାର୍, ସୁଗାର ଫ୍ରି ଅଛି ...।
ରାଜୁ: ଠିକ୍ ଅଛି, ତେବେ ପାଞ୍ଚ କି.ଗ୍ରା. ଚିନି ଦେଇଦିଅ।

କ୍ଲାସ୍ ଚାଲିଥିବା ସମୟରେ ପିଲାଟିଏ ଆସି କହିଲା– ମୁଁ ଭିତରକୁ ଆସିପାରିବି କି ମ୍ୟାଡାମ୍ ?
ମ୍ୟାଡାମ୍ : ସବୁ ପିଲା ଟାଇମ୍‌ରେ ଆସିଗଲେ, ହେଲେ ତୁ ଏତେ ଡେରିରେ କାହିଁକି ଆସିଛୁ ?
ପିଲା– ଦଳବଳ ହୋଇ ତ ଶିଆଳ ଆସନ୍ତି, ସିଂହ ସବୁବେଳେ ଏକା ଆସେ ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

▸▸ ଗଳ୍ପରେ 'ବଦଳିଲା ମନ' ପିଲାଙ୍କ ଲାଗି ନିହାତି ଶିକ୍ଷଣୀୟ ହୋଇଛି।

**–ଚନ୍ଦନ ବାରିକ୍, ଝାରସୁଗୁଡା**

▸▸ ଆଇନା ସ୍ତମ୍ଭରେ ପ୍ରକାଶିତ ଫଟୋ ଦୁଇଟି ସୁନ୍ଦର ହୋଇଥିଲା।

**–ଶସ୍ମିତା ସାହୁ, କେନ୍ଦ୍ରାପଡା**

▸▸ ଗତ ସପ୍ତାହରେ ପ୍ରକାଶିତ 'ରିଜେକ୍‌ସନ୍' ଲେଖାଟି ଶିଶୁଙ୍କ ମାତାପିତାଙ୍କ ପାଇଁ ଖୁବ୍ ଉପଯୋଗୀ। ଏହାଦ୍ୱାରା ସେମାନେ ପିଲାଙ୍କର ମାନସିକ ସ୍ଥିତିକୁ ସନ୍ତୁଳିତ ରଖିପାରିବେ।

**–ସଲିମ୍ ଖାନ୍ ,ଭୁବନେଶ୍ୱର**

## ରଙ୍ଗ ଦିଅ



# ସବୁଠୁ ପୁରୁଣା ସହର

ବିଶ୍ୱର ଅନ୍ୟତମ ପୁରାତନ ବାସସ୍ଥାନ ହେଉଛି ବାରାଣସୀ। ସାରା ବିଶ୍ୱରେ ବିଭିନ୍ନ ଦେଶ ମଧ୍ୟରୁ ଏହା ସବୁଠାରୁ ପୁରୁଣା ସହର। ଏହିଠାରେ ହିଁ ସର୍ବପ୍ରଥମେ ଲୋକେ ବାସବାସ କରି ଆସୁଛନ୍ତି। ଶୁଣିବା ମାତ୍ରେ ହୁଏତ ଏହା ଅବିଶ୍ୱସନୀୟ ମନେ ହୋଇପାରେ। ମାତ୍ର ଇତିହାସରୁ ଏହାର ପ୍ରମାଣ ମିଳେ।

ଉତ୍ତରପ୍ରଦେଶର ଗଙ୍ଗାନଦୀ କୂଳରେ ରହିଛି ଏହି ସହର। ଅତୀତରେ ଏହି ସହର ପ୍ରଥମେ କାଶି ଓ ପରେ ବନାରସ ଏବଂ ଏବେ ବାରାଣସୀ ନାମରେ ପରିଚିତ। ରାଜ୍ୟର ସବୁଠୁ ପବିତ୍ର ସହର ହେଉଛି ବାରାଣସୀ। ତେଣୁ ହିନ୍ଦୁମାନଙ୍କ ପାଇଁ ଏହି ସ୍ଥାନର ବିଶେଷ ମାନ୍ୟତା ରହିଛି। ଦେଶ ବିଦେଶରୁ ଏହି ସ୍ଥାନକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ଗଙ୍ଗାନଦୀ କୂଳରେ ଥିବା ଏହି ସହରରେ ପ୍ରାୟ ୧୦୦ରୁ ଅଧିକ ଘାଟ ରହିଛି ଯେଉଁଠାରେ ସାଧୁମାନେ ସକାଳ ଓ ସନ୍ଧ୍ୟାରେ ବୁଡ ପକାଇ ପ୍ରାର୍ଥନା କରନ୍ତି।




## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

**ଶିଶୁଟିଏ ଜନ୍ମ ହେବା ପରେ ସମୟକ୍ରମେ ବୟସାନୁସାରେ ବଡ଼ ହୋଇଥାଏ । ପାଠପଢ଼ା ପରେ ନିଜ ଲକ୍ଷ୍ୟ ହାସଲ କରିବାକୁ ଅଗ୍ରସର ହୁଏ । ହେଲେ ନିଜକୁ ଆତ୍ମନିର୍ଭର କରାଇବାକୁ ହେଲେ ନିମ୍ନୋକ୍ତ କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେବାକୁ ପଡ଼ିଥାଏ...**



# ଆତ୍ମନିର୍ଭର

ପାଠ ପଢ଼ିବା ସମୟରେ ପିଲାମାନେ ନିଜ ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି। କିଏ ଭାବେ ଡାକ୍ତର ହେବି, କିଏ ଭାବେ ଶିକ୍ଷକତା କରିବି, ଇଞ୍ଜିନିୟର ହେବି, ବୈଜ୍ଞାନିକ ହେବି ଇତ୍ୟାଦି ଇତ୍ୟାଦି। କିନ୍ତୁ ଲକ୍ଷ୍ୟ ହାସଲ କରିବା ଏତେ ସହଜ କଥା ନୁହେଁ। ଏଥିପାଇଁ ଦରକାର ପ୍ରଗାଢ଼ ନିଷ୍ଠା ଆଉ ଯୋଜନାବଦ୍ଧ ଉଦ୍ୟମ। ତେବେ କ୍ୟାରିୟର ଗଢ଼ିବା ଏବଂ ନିଜକୁ ଆତ୍ମନିର୍ଭରଶୀଳ କରାଇବାକୁ ହେଲେ ପ୍ରଥମେ ଏଥିଲାଗି ନିଜକୁ ମାନସିକ ଭାବରେ ପ୍ରସ୍ତୁତ କରନ୍ତୁ। ଏହି ସମୟରେ ନିମ୍ନଲିଖିତ ଟିପ୍ସ ପ୍ରତି ଦୃଷ୍ଟି ଦିଅନ୍ତୁ...

## ଆତ୍ମବିଶ୍ୱାସ

ପିଲାଟିଏ କୌଣସି କ୍ଷେତ୍ରରେ ଆଗେଇବାକୁ ହେଲେ ପ୍ରଥମେ ନିଜର ଆତ୍ମବିଶ୍ୱାସ ଦୃଢ଼ ହେବା ନିହାତି ଦରକାର। ତେଣୁ ଭବିଷ୍ୟତରେ କ'ଣ ହେବାକୁ ଲକ୍ଷ୍ୟ ରଖିଛନ୍ତି ତାହା ପ୍ରଥମେ ସ୍ଥିର କରନ୍ତୁ। କାରଣ ତାକୁ ନେଇ ହିଁ ଆଗେଇବାକୁ ପଡ଼ିବ। ନିଜର ଲକ୍ଷ୍ୟ ଉପରେ ପ୍ରଥମେ ଶତ ପ୍ରତିଶତ ଆତ୍ମବିଶ୍ୱାସ ରହିବା ନିହାତି ଜରୁରୀ। ନ ହେଲେ ଯେଉଁ ଯୋଜନାକୁ ନେଇ ଆଗେଇବେ, ହୁଏତ ତାହା ସଫଳ ହୋଇ ନ ପାରେ।

## ସୁଚିନ୍ତିତ ଯୋଜନା

ନିଜକୁ ଆତ୍ମନିର୍ଭରଶୀଳ କରାଇବାକୁ ପ୍ରଥମେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରନ୍ତୁ। କାରଣ ଯୋଜନା ବିନା ଯଦି ଆଗାନ୍ତି, ତେବେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଯିବାର ସମ୍ଭାବନା ରହିଛି। ତେଣୁ ଏଭଳି ଯୋଜନା ପ୍ରସ୍ତୁତ କରନ୍ତୁ, ଯାହାକୁ ନେଇ ଆଗେଇଲେ ସୁରୁଖୁରୁରେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇପାରିବେ। ଏ ବିଷୟରେ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିପାରନ୍ତି। ଅନ୍ୟପକ୍ଷରେ ନିଜ ପିଲା ଆତ୍ମନିର୍ଭରଶୀଳ ହେବା ଲାଗି ମା' ବାପାଙ୍କ କଥାଗୁଡ଼ିକର ମଧ୍ୟ ଯଥେଷ୍ଟ ଗୁରୁତ୍ୱ ରହିଛି। ତେଣୁ ସେଗୁଡ଼ିକୁ ଭଲ ଭାବରେ ତର୍ଜମା କରନ୍ତୁ।

## ଅଭିଜ୍ଞତା

ପିଲାମାନେ ପାଠ ପଢ଼ିବା ସମୟରେ ବିଭିନ୍ନ ପ୍ରକାର ନୂଆ ନୂଆ କଥା ଶିଖିଥାଆନ୍ତି। ତାହାକୁ ଆଧାର କରି ସେମାନେ ନିଜକୁ ଆତ୍ମନିର୍ଭରଶୀଳ କରାଇପାରିବେ। ଏଭଳି ନୂଆ କଥାଗୁଡ଼ିକୁ ନେଇ ଯଦି କିଛି ଅଭିଜ୍ଞତା ରହିଛି, ତେବେ ତାକୁ କାମରେ ଲଗାନ୍ତୁ। କାରଣ କୌଣସି ସମସ୍ୟା ସମାଧାନର ବାଟ ଖୋଜିବା ବେଳେ ଅଭିଜ୍ଞତା ଯଥେଷ୍ଟ ସହାୟକ ହୋଇଥାଏ। ତେବେ ଏହା ତୁମକୁ ଆତ୍ମନିର୍ଭର କରାଇବାରେ କେତେ ସହାୟତା କରିବ ତାହା ପ୍ରଥମେ ଭଲ ଭାବରେ ଚିନ୍ତା କରନ୍ତୁ।

## ଏକୁଟିଆ ବସି ଚିନ୍ତା କରନ୍ତୁ

ବେଳେବେଳେ ନିଜକୁ ଆତ୍ମନିର୍ଭରଶୀଳ କରାଇବାକୁ ଆଗେଇବା ସମୟରେ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେଣୁ ଏହି ସମୟରେ ଥଣ୍ଡା ମିଜାଜରେ ଚିନ୍ତା କରନ୍ତୁ। ଏଭଳି ସମସ୍ୟାକୁ କିପରି ସମାଧାନ କରିବେ, ସେ ନେଇ ଟେନ୍‌ସନ ହେବା ପରିବର୍ତ୍ତେ ସେଥିପାଇଁ ଉପାୟ ପ୍ରସ୍ତୁତ କରନ୍ତୁ। ଏହି ଉପାୟ ବଳରେ ସମସ୍ୟା କବଳରୁ ନିଜକୁ ଅନେକାଂଶରେ ମୁକୁଳାଇ ପାରିବେ।

## ନିଜର ଯତ୍ନ ନେବା ଶିଖନ୍ତୁ

ପିଲାମାନେ ବଡ଼ ହେଲେ ସେମାନେ ନିଜ କାମ ନିଜେ ତୁଲାଇଥାଆନ୍ତି। ଯେତେବେଳେ ସେମାନେ ଛୋଟ ଥାଆନ୍ତି, ଏଥିପାଇଁ ମା' ବାପା ନ ହେଲେ ପରିବାରର ସଦସ୍ୟଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ତେଣୁ ଯେତେବେଳେ ନିଜ ମନରେ ଦୃଢ଼ ବିଶ୍ୱାସ ଆସିବ ଯେ ଏବେ ମୁଁ ନିଜେ ନିଜ କାମ କରିପାରିବି, ସେତେବେଳେ ସେସମୟରେ ଆଗେଇବା ଦରକାର। କୌଣସି କାମ କରିବା ବେଳେ ନୂଆ ଜିନିଷ ମୁଣ୍ଡକୁ ଆସିଥାଏ। ତାହାର ଉପଯୋଗିତା ବିଷୟରେ ଚିନ୍ତା କରି ତାହାକୁ କାମରେ ଲଗାନ୍ତୁ। ଏସବୁ ନିଜକୁ ଆତ୍ମନିର୍ଭର କରାଇବାରେ ଅନେକାଂଶରେ ସାହାଯ୍ୟ କରିପାରେ।

## ଜୀବନଶୈଳୀ

ପିଲାମାନେ ନିଜକୁ ଆତ୍ମନିର୍ଭର କରାଇବାକୁ ଆଗେଇବା ସମୟରେ ନିଜର ଜୀବନଶୈଳୀ ପ୍ରତି ଧ୍ୟାନ ଦେବା ଦରକାର। କାରଣ ଜୀବନଶୈଳୀ ଉପରେ ଅନେକ କିଛି ନିର୍ଭର କରିଥାଏ। ଖାଦ୍ୟପେୟ, କଥାବାର୍ତ୍ତା ଶୈଳୀ ପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଅନ୍ୟମାନଙ୍କୁ ଉତ୍ତମ ବ୍ୟବହାର କଲେ ସେମାନଙ୍କର ପ୍ରଶଂସାଭାଜନ ହୋଇପାରିବେ। କେବଳ ସେତିକି ନୁହେଁ, ନିଜ ଲକ୍ଷ୍ୟପଥରେ ଆଗେଇବା ସମୟରେ ହୁଏତ ସେମାନଙ୍କ କେତେକ କଥା ତୁମକୁ ସାହାଯ୍ୟ କରିବ।

## ସହାୟତା

ନିଜକୁ ଆତ୍ମନିର୍ଭର କରାଇବାକୁ ଆଗେଇବା ସମୟରେ ଯଦି କେହି ସହଯୋଗର ହାତ ବଢ଼ାନ୍ତି, ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଏ ନେଇ ଯଦି କାହା ସହ ଆଲୋଚନା କରୁଛନ୍ତି, ତେବେ ନିଜର ସମସ୍ୟା ବିଷୟରେ ତାଙ୍କୁ ଅବଗତ କରାନ୍ତୁ। ହୁଏତ ତାଙ୍କ ପାଖରେ ଏହାର ସମାଧାନର ସୂତ୍ର ଲୁଚି ରହିଥାଇପାରେ। ବେଳେବେଳେ ସବୁ କାମ ଏକୁଟିଆ କରିହୁଏନା। ଅନ୍ୟମାନଙ୍କ ସହଯୋଗର ଆବଶ୍ୟକତା ପଡ଼ିଥାଏ। ତେଣୁ ଏହାକୁ ଗୁରୁତ୍ୱ ଦେଲେ ହୁଏତ ତାହା ତୁମକୁ ଏକ ନୂଆ ବାଟ ଦେଖାଇପାରେ।



## ଏମାନେ କ'ଣ କରନ୍ତି

### ଆତ୍ମବିଶ୍ୱାସକୁ ଗୁରୁତ୍ୱ ଦିଏ



ଏବେ ତ ମୁଁ ପାଠ ପଢ଼ୁଛି। ପାଠ ପଢ଼ି ଭଲ ଚାକିରି କରିବାକୁ ଆଶା ରଖିଛି। ତା'ସହ ସମାଜସେବାରେ ମଧ୍ୟ ମନଦେବି। ହେଲେ ଏବେଠାରୁ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଛି। ଭଲ ପାଠ ପଢ଼ିଲେ କୌଣସି ଇଣ୍ଟରଭ୍ୟୁକୁ ସାହସର ସହ ସାମ୍ନା କରିପାରିବି। ତେଣୁ ପାଠ ପଢ଼ିବା ବେଳେ ହେଉ ଅବା କୌଣସି କାମରେ ଆଗେଇବା ସମୟରେ ନିଜର ଆତ୍ମବିଶ୍ୱାସ ଉପରେ ଯଥେଷ୍ଟ ଭରସା ରଖେ। କାରଣ ଆତ୍ମବିଶ୍ୱାସ ହିଁ ଆଗକୁ ଆଗେଇ ନେବାରେ ଅନେକାଂଶରେ ସାହାଯ୍ୟ କରିଥାଏ।

**-ରାଜଲକ୍ଷ୍ମୀ ସାହୁ,** କ୍ଲାସ୍-୮, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଜିପୁର, ବ୍ରହ୍ମଗିରି, ପୁରୀ

### ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରେ



ଆଉ ବର୍ଷ କେଇଟା ପରେ ମୋ ସ୍କୁଲ କ୍ୟାରିୟର ଶେଷ ହୋଇଯିବ। ତା'ପରେ ମୁଁ ଟେକ୍ନିକାଲ ଲାଇନରେ ଯିବାକୁ ସ୍ଥିର କରିଛି। ତେଣୁ ଏ ନେଇ ଏବେଠାରୁ ପ୍ରସ୍ତୁତ ହେବା ଆରମ୍ଭ କରିଛି। ମୋ ଲକ୍ଷ୍ୟପଥରେ ଆଗେଇବା ସମୟରେ ସବୁବେଳେ ମାନସିକତାକୁ ଗୁରୁତ୍ୱ ଦିଏ। ଏହି ସମୟରେ କେବେ ଧୈର୍ଯ୍ୟହରା ହୋଇପଡ଼େନି। ମାନସିକତାକୁ ଯେତେ ସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟା କରେ। କାରଣ ଏହାଦ୍ୱାରା ସହଜରେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇପାରିବି।

**-ଅଶ୍ଲେଷା ମହାପାତ୍ର,** କ୍ଲାସ୍-୭, ସେଣ୍ଟ ଜାଭିୟର ହାଇସ୍କୁଲ, ନୂଆ ବଜାର, କଟକ

# ତୁମ ତୂଳୀରୁ



୧ ସ୍ୱତନ୍ତ୍ର ରାଉତରାୟ
କ୍ଲାସ୍- ୧, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର



୨ ଦିବ୍ୟାଂଶୀ ମହାନ୍ତି
କ୍ଲାସ୍-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆଳି, କେନ୍ଦ୍ରାପଡ଼ା



୩ ସମରଜିତ୍ ରାୟ
କ୍ଲାସ୍-୮, ସେଣ୍ଟ ଆରନୋଲ୍ଡ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର



୪ ଆୟୁଷ୍ମାନ ନାୟକ
କ୍ଲାସ୍- ୪, ସେଣ୍ଟ ଆରନୋଲ୍ଡ ସ୍କୁଲ, ଭୁବନେଶ୍ୱର



୫ ବେଦାର୍ଥ ଦାସ
କ୍ଲାସ୍-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ-୬, ଭୁବନେଶ୍ୱର




୬ ଘନିଶ କୁମାର ବେହେରା
କ୍ଲାସ୍- ୧, ପବ୍ଲିକ ସ୍କୁଲ, ଛତ୍ରପୁର, ଗଞ୍ଜାମ



୭ ସିଦ୍ଧିକ୍ସା ବେହେରା
କ୍ଲାସ୍- ୧, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୮ ପଦ୍ମସ୍ମିତା ପଣ୍ଡା
କ୍ଲାସ୍-୫, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର




୧



୨



୩



୪



୫



୬



୭



୮



## କବିତା

### ମାଆର ପଣତକାନି

**ମା**ଆର ପଣତକାନିଟି
ସେ ତ ମମତାର ଖଣିଟି
ଯେତେ ଖୋଜୁଥିବ ସେତେ ବାହାରିବ
ସାଇତିଛି ମନ ଜାଣିଟି।
ଦେହରେ ବେଦନା ଭରଇ
ଆଖିରୁ ଲୋତକ ସରଇ,
ସେଇ ପଣତର ପରଶ ପାଇଲେ
ସରଗ ଆନନ୍ଦ ଝରଇ।
ଶରଧା ମାପି ତା ହୁଏନି
ସନ୍ତାନର ଦୁଃଖ ସହେନି
ତା’ ଜୀବନ ସାରା ସବୁ ଖୁସି ଦେଇ
ନିଜ ଦୁଃଖ କେବେ କହେନି।
କୋଟିଏ ଶରଧା ଯାହାର
ନାହିଁ ତ ଉପମା ତାହାର,
ସକଳ ଆନନ୍ଦ ଭରି ଦେଇପାରେ
ପଣତକାନିଟି ମାଆର।

**– ଅନନ୍ତ କୁମାର ସେନାପତି**
ବାଣ୍ଟୁପଡ଼ା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

### ସଂସାରେ କରିବ ନାଁ

**ଛୋ**ଟ ପିଲା ତୁମେ ବଡ଼ ହେବ ଦିନେ
ସଂସାରେ କରିବ ନାଁ
ତୁମରି ହାତରେ ଦେଶ ଭବିଷ୍ୟତ
ତୁମକୁ ଚାହିଁଛି ମା।
ଚାରାଟିଏ ପୁଣି ବଡ଼ ହୋଇ ଯେବେ
ବିଶାଳ ଦୃମ ହୁଏ
ଫଳ ଛାୟା ଦେଇ ପୃଥିବୀ ପୃଷ୍ଠରେ
ଆଶ୍ରୟ ପ୍ରଦାନ କରେ।
ଛୋଟ ଧାରଟିଏ ବହି ଆସେ ଯେବେ
ପାହାଡ଼ର କୋଳ ଚିରି
ବଡ଼ ହୋଇ ସିଏ ସ୍ରୋତସ୍ୱିନୀ ହୋଇ
ସବୁଜିମା ଦିଏ ଭରି।
ମନଦେଇ ପିଲାଏ ପାଠ ପଢ଼ିବ
ବଡ଼ଲୋକ ତୁମେ ହେବ
ଶିକ୍ଷିତ ସମାଜ ଗଠନ କରିବ
ରାଷ୍ଟ୍ରର ବିକାଶ ହେବ।

**– ଗୋପୀନାଥ ଦାଶ**
ବରପାଲିପଡ଼ା, ବଲାଙ୍ଗୀର
ମୋ: ୬୩୭୧୮୦୫୦୭୦

### ବଣମଲ୍ଲୀ

**ମୁ**ହିଁ ବଣମଲ୍ଲୀ ବଣରେ ଫୁଟିଛି
ଅଲୋଡ଼ା  ଜୀବନ ମୋର
ପାଇନି ଆଶିଷ ଦେବତା ପୂଜାରେ
ନାହିଁ ସଉଭାଗ୍ୟ ମୋର।
ନିତି ଫୁଟି ପୁଣି ନିତି ଝଡ଼ିଯାଏ
ଆସିଲେ ଗୋଧୂଳି ବେଳା
ଲାଗି ପାରିଲିନି ତୁମ ପାଦତଳେ
ପାଇଛି ମୁଁ କେଉଁ କଳା।
ଧନ୍ୟ ହେ ଠାକୁର ଦେଲ ଅଭିଶାପ
ଫୁଟିବା ହେଲା ମୋ କାମ
କାହିଁକି କରିବି ଉଚ୍ଚ ଆଶା ମୁହିଁ
କପାଳ ହୋଇଲା ବାମ।
ତୁମ ଇସାରାରେ ଚାଲୁଛି ଜଗତ
ଦେଇଛ ମୋତେ ଏ ଦେହ
ମଧୁପ ଶୋଷୁଛି ଏ ଦେହକୁ ମୋର
ଗଡାଏ ଆଖିରୁ ଲୁହ।
ମୋ ପରି ଜୀବନ କାହାକୁ ନ ଦିଅ
ଏତିକି ମୋର ଗୁହାରି
ଲିଭିଯାଉ ଦୁଃଖ ଏ ତନୁ ମନରୁ
ଝରିପଡୁ କୃପା ବାରି ।

**– ବ୍ରଜେଶ୍ୱରୀ ସିଂ**
ମୋ: ୯୪୩୮୪୭୧୪୧୧

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ମୁଣ୍ଡରେ ଫିଟାଇଲେ କେନ୍

**କୋ**ଲ୍ଡଡ୍ରିଙ୍କ୍ସ ପିଇବା ପୂର୍ବରୁ ହାତରେ କେନ୍‌କୁ ଭିଡି ଖୋଲିବାକୁ ହୋଇଥାଏ। ମାତ୍ର ଏହାକୁ ମୁଣ୍ଡରେ ମଧ ଖୋଲାଯାଇପାରିବ। ଏଭଳି କିଛି କରି ଦେଖାଇଛନ୍ତି ପାକିସ୍ତାନ କରାଚିର ମହମ୍ମଦ ରସିଦ୍। ମୁଣ୍ଡରେ ସବୁଠୁ ଅଧିକ କୋଲ୍ଡଡ୍ରିଙ୍କ୍ସ କେନ୍ ଖୋଲି ସେ ବିଶ୍ୱ ରେକର୍ଡ କରିଛନ୍ତି। ମହମ୍ମଦ ମାତ୍ର ୩୦ ସେକେଣ୍ଡ ମଧ୍ୟରେ ୩୯ଟି କେନ୍ ଖୋଲିବାକୁ ସକ୍ଷମ ହୋଇଛନ୍ତି। ଗୋଟିଏ ପରେ ଗୋଟିଏ କରି ଖୁବ୍‌ଶୀଘ୍ର ସେ କେନ୍‌ଗୁଡିକୁ ଫିଟାଇବାର କ୍ଷମତା ରଖିଛନ୍ତି। ଏଭଳି ବିଭିନ୍ନ ଦୁଃସାହସିକ କାମ କରିବାକୁ ସେ ଖୁବ୍ ଭଲପାନ୍ତି। ମାର୍ଶାଲ ଆର୍ଟର ବିଭିନ୍ନ କଳାରେ ମଧ ସେ ପାରଙ୍ଗମ। ତେଣୁ ଅଭ୍ୟାସ କରି ଏହି କାମକୁ ମଧ ସେ ସହଜରେ କରିପାରୁଛନ୍ତି। ତାଙ୍କର ଏଭଳି ଦକ୍ଷତା ପାଇଁ ସାରା ବିଶ୍ୱରେ ତାଙ୍କର ପରିଚୟ ସୃଷ୍ଟି ହୋଇପାରିଛି। ଏତେ କମ୍ ସମୟ ମଧ୍ୟରେ ମୁଣ୍ଡରେ ସବୁଠୁ ଅଧିକ କେନ୍ ଫିଟାଇ ଥିବାରୁ ତାଙ୍କ ନାମକୁ ଗିନିଜ୍ ରେକର୍ଡରେ ସ୍ଥାନ ଦିଆଯାଇଛି। ଗତ ମେ’ରେ ତାଙ୍କର ଏହି ରେକର୍ଡ ବ୍ୟତୀତ ଆହୁରି ବିଭିନ୍ନ ପ୍ରକାର କାର୍ଯ୍ୟରେ ମଧ ବିଶ୍ୱ ରେକର୍ଡ ରହିଛି।



## ଏଥରର ?

- କମ୍ପ୍ୟୁଟର ସାଇନ୍ସର ଜନକ କିଏ ?
- ପର୍ସନାଲ କମ୍ପୁଟରର ଉଦ୍ଭାବକ ?
- ସୁନାମୀ ଶବ୍ଦଟି କେଉଁ ଭାଷାର ?
- କେଉଁ ଦେଶର ଜାତୀୟ ପତାକା ଚାରିକୋଣିଆ ନୁହେଁ ?
- କେଉଁ ଦେଶର ଲୋକେ ସର୍ବାଧିକ କଫି ବ୍ୟବହାର କରନ୍ତି ?

## ଗତଥରର ଉତ୍ତର

- ସୀତାର ବାଦକ
- ନାଓରୁଜ୍
- କେରଳ
- ଭିମ୍‌ବେଟ୍‌କା ଗୁମ୍ଫା
- ଖିଲ୍‌ଜୀ ବଂଶ

## କହିଲ ଦେଖି

**ମା**ସଟିଏ ସିଏ ଭାରି ପବିତ୍ର
ଆସିଥାଏ ଧରି ଓଷା ଓ ବ୍ରତ
ଧର୍ମ ମାସ ବୋଲି ଜଗତ ଜାଣେ
ବଡ଼ଓଷା ବ୍ରତ ପାଳନ୍ତି ଜନେ
ତା’ ଅମାବାସ୍ୟାରେ ଜଳେ ପ୍ରଦୀପ
ପୁନେଇଁରେ ଉଠେ ଆକାଶଦୀପ
ଶେଷ ପାଞ୍ଚଦିନ ଏହି ମାସର
ବଗ ନ କରଇ ମୀନ ଆହାର
ଏବେ କୁହ ନାମ ସେହି ମାସର
ଯିଏ କହିଦେବ ସିଏ ଚତୁର।



**ଉତ୍ତର– କାର୍ତ୍ତିକ ମାସ**

ଗୋଲାକାର ସିଏ ପରିବାଟିଏ
ତା’ଦେହରେ ପାଞ୍ଚ ପାଖୁଡ଼ା ଥାଏ
ହବିଷ ରନ୍ଧାରେ ପଡ଼ଇ ସେହି
ଗୁଡ଼ ସହ ମିଶି ଖଟା ହୁଅଇ
କାର୍ତ୍ତିକ ମାସରେ ତା’ର ଆଦର
କହି ପାରିବକି ନାମଟି ତା’ର।



**ଉତ୍ତର– ଓଉ**

ମାଟି ତଳେ ଫଳେ ପରିବାଟିଏ
ଛୁଇଁ ଦେଲେ ହାତ କୁଣ୍ଡେଇ ହୁଏ
ମୁଗଜାଇ ସହ ହୁଏ ଡାଲମା
ସୁଆଦ ତାହାର ନାହିଁ ଉପମା
ଚୋପା ଛାଡ଼ିଗଲେ ଦିଶଇ ଧଳା
ଲାଲୁଆ ପରିବା ରୂପେ ସେ ଗଣା
ତା’ ମୂଳେ ବେଙ୍ଗଲୀ ଗାଏଟି ଗୀତ
କହି ପାରିବକି ତା’ନାମ ମିତ।



**ଉତ୍ତର– ସାରୁ**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬

# ଦାମୀ ପନିପରିବା

ଏମିତି କିଛି ପନିପରିବା ଅଛି ଯାହାର ଦାମ୍ ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ନ ହୋଇ ରହିପାରିବ ନାହିଁ ଏପରିକି ଏଗୁଡିକର ଦାମ୍ ସୁନାଠୁ ବି ଅଧିକ। ନିମ୍ନରେ ବିଶ୍ୱର ସେଭଳି କେତୋଟି ଦାମୀ ପନିପରିବା ବିଷୟରେ ସୂଚନା ଦିଆଯାଉଛି...

### ହ୍ୱାଇଟ୍ ଟ୍ରଫଲ

ୟୁରୋପରେ ମିଳୁଥିବା ହ୍ୱାଇଟ୍ ଟ୍ରଫଲ ସବୁଠାରୁ ଦାମୀ ପରିବା ମଧ୍ୟରେ ଅନ୍ୟତମ। ଏହାର ଦାମ୍ ପ୍ରତି କିଗ୍ରାକୁ ୫ ଲକ୍ଷ ଟଙ୍କା। ଏହାର ସ୍ୱାଦ ରସୁଣ ଏବଂ ପନୀର ଭଳି ହୋଇଥାଏ।

### ମତ୍ସୁଟେକ୍ ମଶରୁମ୍

ଜାପାନରେ ମିଳୁଥିବା ମତ୍ସୁଟେକ୍ ମଶରୁମ୍ ବିଶ୍ୱର ସବୁଠାରୁ ଦାମୀ ମଶରୁମ୍। ଏହାର ସ୍ୱାଦ ମିଠା ଏବଂ ବାସ୍ନା ବେଶ୍ ସୁଗନ୍ଧିତ । କିନ୍ତୁ ଏହାର ଦାମ୍ ଶୁଣି ଆପଣଙ୍କ ହୋସ୍ ଉଡ଼ିଯିବ। ଏହାର ଦାମ୍ କିଗ୍ରା ପ୍ରତି ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହୋଇଥାଏ।

### ଲା ବୋନୋଟେ ଆଳୁ

ଦୁର୍ଲଭ ପ୍ରକାର ଏହି ଆଳୁ ଫ୍ରାନ୍ସର ଏକ ଅଞ୍ଚଳରେ ଚାଷ କରାଯାଏ। ଏହି ଆଳୁ ବର୍ଷରେ ମାତ୍ର ଅଳ୍ପ ଦିନ ପାଇଁ ବଜାରରେ ଉପଲବ୍ଧ ହୋଇଥାଏ। ଅଳ୍ପ ଲୁଣିଆ ଉକ୍ତ ଆଳୁର ଦାମ୍ କିଗ୍ରା ପ୍ରତି ପ୍ରାୟ ଏକ ଲକ୍ଷ ଟଙ୍କା।

### ହପ୍‌ଶୁଟ୍

ଉତ୍ତର ଆମେରିକାରେ ମିଳୁଥିବା ଏହି ହପ୍‌ଶୁଟ୍‌କୁ ଔଷଧ ପ୍ରସ୍ତୁତିରେ ବ୍ୟବହାର କରାଯାଏ। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୭୩,୦୦୦ ଟଙ୍କା।

ଉପରୋକ୍ତ ପନିପରିବାରେ ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ଭରିରହିଛି ଏବଂ ସ୍ୱାସ୍ଥ୍ୟ ଲାଗି ବହୁତ ଲାଭକାରୀ। ଏଥିରେ ଭିଟାମିନ୍, ମିନେରାଲ ଏବଂ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ରହିଛି। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଏହା ସାହାଯ୍ୟ କରିବା ସହ କେତେକ ରୋଗ ସଂକ୍ରମଣଠାରୁ ରକ୍ଷା କରିଥାଏ।


ଲା ବୋନୋଟେ ଆଳୁ


ହ୍ୱାଇଟ୍ ଟ୍ରଫଲ


ହପ୍‌ଶୁଟ୍


ମତ୍ସୁଟେକ୍ ମଶରୁମ୍



# ପୃଥିବୀର ନୂତନ ଅତି କ୍ଷୁଦ୍ର ଚନ୍ଦ୍ର



ପିଲାଏ ! ତୁମେମାନେ ତ ଜାଣିଛ ଯେ ଆମ ଗ୍ରହ ପୃଥିବୀର ଏକମାତ୍ର ଉପଗ୍ରହ ହେଉଛି ଚନ୍ଦ୍ର। ସୃଷ୍ଟିର ଆରମ୍ଭରୁ ଏହା ତା'ର ଚତୁଃପାର୍ଶ୍ୱରେ ପରିକ୍ରମା କରିଆସୁଛି। ତେବେ ବୈଜ୍ଞାନିକମାନେ ଏବେ ଜାଣିବାକୁ ପାଇଲେଣି ଯେ, ସମୟ ସମୟରେ ଏହା ନିକଟକୁ ଆସିଥାଆନ୍ତି କ୍ଷୁଦ୍ରକାର ଚନ୍ଦ୍ରମାନେ। କିନ୍ତୁ ସେଗୁଡ଼ିକୁ ଆମେ ଦେଖିପାରୁନା। ପୁଣି କିଛି ଦିନ ପରେ ସେମାନେ ଦୂରକୁ ଚାଲିଯାଆନ୍ତି। ଚଳିତ ବର୍ଷ ସେପ୍ଟେମ୍ବର ୨୯ ତାରିଖରେ ସେହିଭଳି ଚନ୍ଦ୍ରଟିଏ ପୃଥିବୀ ନିକଟକୁ ଆସିବା କଥା ଆମେରିକାନ୍ ଆଷ୍ଟ୍ରୋନୋମିକାଲ ସୋସାଇଟିର ବୈଜ୍ଞାନିକମାନେ ଜଣାଇଛନ୍ତି। ପ୍ରକୃତରେ ଏହା ହେଉଛି ଏକ ୩୫ ଫୁଟ ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ଗ୍ରହାଣୁ। ଚଳିତବର୍ଷ ଅଗଷ୍ଟ ୭ ତାରିଖରେ ଏହାକୁ ଆବିଷ୍କାର କରାଯାଇ ତାହାର ନାମ '୨୦୨୪ ପିଟି ୫' ରଖାଯାଇଛି।

ଆମେରିକାର ଆଷ୍ଟ୍ରୋନୋମିକାଲ ସୋସାଇଟି ପକ୍ଷରୁ ପ୍ରକାଶିତ ଏକ ଗବେଷଣା ପତ୍ରିକାରେ ବୈଜ୍ଞାନିକ କାର୍ଲୋସ୍ ଡି ଲା ମାରକୋସ୍ ଏବଂ ତାଙ୍କର ସହଯୋଗୀମାନେ ଏଥିରେ ଦର୍ଶାଇଛନ୍ତି ଯେ ପୃଥିବୀର ମାଧ୍ୟାକର୍ଷଣ ଦ୍ୱାରା ଆକର୍ଷିତ ହୋଇ ଅର୍ଜୁନ ଗ୍ରହାଣୁ ପେଟିକାରୁ ଆସି ଏହା ତା' ନିକଟରେ ପହଞ୍ଚିଛି। ଏହା ଏକ ଅଶ୍ୱଖୁରାକୃତି ପଥରେ ଅବସ୍ଥାପିତ ହୋଇ ସେଠାରେ ଚଳିତବର୍ଷ ନଭେମ୍ବର ୨୫ ପର୍ଯ୍ୟନ୍ତ ରହିବ। ଆସନ୍ତାବର୍ଷ ଜାନୁୟାରୀ ୨୫ରେ ଏହା ପୃଥିବୀର ସବୁଠାରୁ ନିକଟତମ ହେବ ଏବଂ ତା'ପରେ ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱର ଏକ କକ୍ଷ ମଧ୍ୟକୁ ଫେରିଯିବ। ତେବେ ଦୁଇ ମାସର ରହଣି କାଳରେ ଏହି ପିଣ୍ଡଟି ପୃଥିବୀ ଚତୁଃପାର୍ଶ୍ୱର ଥରେ ମାତ୍ର ପରିକ୍ରମା ସମ୍ପୂର୍ଣ୍ଣ କରିପାରିବ ନାହିଁ।

> "ଆକାରରେ ତାହା ଅତ୍ୟନ୍ତ ସାନ ଏବଂ କମ୍ ସମୟ ରହିବା ସତ୍ତ୍ୱେ ବି '୨୦୨୪ ପିଟି ୫' ଗ୍ରହାଣୁ ପୃଥିବୀର ନିକଟବର୍ତ୍ତୀ ପିଣ୍ଡମାନଙ୍କ ଗତି ବିଜ୍ଞାନ ସମ୍ପର୍କରେ ମୂଲ୍ୟବାନ୍ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ। ପୁନଶ୍ଚ ଏହାର ଗତିପଥକୁ ପୃଥିବୀର ମାଧ୍ୟାକର୍ଷଣ କିପରି ପ୍ରଭାବିତ କରୁଛି ତାହାର ଅଧ୍ୟୟନ ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ମାଧ୍ୟାକର୍ଷଣୀୟ ଆନ୍ତଃକ୍ରିୟାର ମଡେଲକୁ ପରମାର୍ଜ୍ଜନ କରିବ ଏବଂ ଅନ୍ୟ ଗ୍ରହାଣୁମାନେ ଆମ ଗ୍ରହ ନିକଟଦେଇ ଗତି କଲାବେଳେ କିପରି ଆଚରଣ ପ୍ରଦର୍ଶନ କରିପାରନ୍ତି, ସେ ସମ୍ପର୍କରେ ପୂର୍ବାନୁମାନ କରିବା ଲାଗି ସାହାଯ୍ୟ କରିବା"

ଅଶ୍ୱଖୁରାକୃତି ପଥ ଅନୁସରଣ କରୁଥିବା ଏବଂ ତୁଳନାତ୍ମକ ଭାବେ ମନ୍ଥର ଗତି ହୋଇଥିବା ପୃଥିବୀ ନିକଟବର୍ତ୍ତୀ ପିଣ୍ଡଗୁଡିକ ସାଧାରଣତଃ ଅତି କ୍ଷୁଦ୍ର ଚନ୍ଦ୍ରରେ ପରିଣତ ହୁଅନ୍ତି। ଏହି ସମୟରେ ସେମାନଙ୍କର ଭୂକେନ୍ଦ୍ରୀୟ ଶକ୍ତି ଦୀର୍ଘ ସମୟ ଧରି ନକାରାତ୍ମକ ହୋଇଥାଏ। ଏଣୁ ସେମାନେ ପୃଥିବୀର ମାଧ୍ୟାକର୍ଷଣ ଦ୍ୱାରା ବାନ୍ଧି ହୋଇ ରହନ୍ତି। ତପ୍ରେ ତାହା ସକାରାତ୍ମକ ହେଲେ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ପରିଭ୍ରମଣ କରିବାକୁ ଫେରିଯାଆନ୍ତି। ଗ୍ରହାଣୁ 'ପିଟି ୫' ଏହିଭଳି ଏକ ପିଣ୍ଡ। ଏହାର ପରିବେଶ ମନ୍ଥର ହୋଇଥିବାରୁ ଏବଂ ପୃଥିବୀର ବେଶ୍ ନିକଟତର ହେବା ଯୋଗୁ ମାଧ୍ୟାକର୍ଷଣ ଶକ୍ତି ତାକୁ ଅସ୍ଥାୟୀ ଭାବେ ପଥ ପରିବର୍ତ୍ତନ କରିବାକୁ ପ୍ରଭାବିତ କରିଛି। ଫଳରେ ତାହା ଅତି କ୍ଷୁଦ୍ର ଚନ୍ଦ୍ରଟିଏ ପାଲଟି ଯାଇଛି। ଆଗରୁ ଅନେକବାର ପୃଥିବୀ ଏଭଳି 'ଅତି କ୍ଷୁଦ୍ର ଚନ୍ଦ୍ରମାନ' ପ୍ରାପ୍ତ ହୋଇଛି। ଏଗୁଡ଼ିକ ଖାଲି ଆଖିକୁ କିମ୍ବା ସାଧାରଣ ଦୂରବୀକ୍ଷଣ ଯନ୍ତ୍ରରେ ଦେଖାଯାଆନ୍ତି ନାହିଁ। କେବଳ ଉନ୍ନତମାନ ମନ୍ଦିରଗୁଡ଼ିକ ତାହା ପର୍ଯ୍ୟବେକ୍ଷଣ କରିପାରନ୍ତି।

ଆକାରରେ ତାହା ଅତ୍ୟନ୍ତ ସାନ ଏବଂ କମ୍ ସମୟ ରହିବା ସତ୍ତ୍ୱେ ବି '୨୦୨୪ ପିଟି ୫' ଗ୍ରହାଣୁ ପୃଥିବୀର ନିକଟବର୍ତ୍ତୀ ପିଣ୍ଡମାନଙ୍କ ଗତି ବିଜ୍ଞାନ ସମ୍ପର୍କରେ ମୂଲ୍ୟବାନ୍ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ। ପୁନଶ୍ଚ ଏହାର ଗତିପଥକୁ ପୃଥିବୀର ମାଧ୍ୟାକର୍ଷଣ କିପରି ପ୍ରଭାବିତ କରୁଛି, ତାହାର ଅଧ୍ୟୟନ ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ମାଧ୍ୟାକର୍ଷଣୀୟ ଆନ୍ତଃକ୍ରିୟାର ମଡେଲକୁ ପରମାର୍ଜ୍ଜନ କରିବ ଏବଂ ଅନ୍ୟ ଗ୍ରହାଣୁମାନେ ଆମ ଗ୍ରହ ନିକଟ ଦେଇ ଗତି କଲାବେଳେ କିପରି ଆଚରଣ ପ୍ରଦର୍ଶନ କରିପାରନ୍ତି ସେ ସମ୍ପର୍କରେ ପୂର୍ବାନୁମାନ କରିବା ଲାଗି ସାହାଯ୍ୟ କରିବ।

ଗବେଷକମାନେ କହନ୍ତି, ପୃଥିବୀ ପ୍ରଥମ ଥର ପାଇଁ ଏପରି ଏକ କ୍ଷୁଦ୍ର ତଥା ଅସ୍ଥାୟୀ ଚନ୍ଦ୍ର ପାଉନି, ଆଗରୁ ଏହା ଅନେକବାର ଘଟିଛି। ଉଦାହରଣ ସ୍ୱରୂପ, ଗ୍ରହାଣୁ '୨୦୨୨ ଏନ୍‌ଏକ୍ସ୧' ୧୯୮୧ ମସିହାରେ ଏବଂ ୨୦୨୨ରେ ଦୁଇଥର 'ଅତି କ୍ଷୁଦ୍ର ଚନ୍ଦ୍ର' ଆକାରରେ ଏହା ନିକଟରେ ଅବସ୍ଥାନ କରିଥିବ। ପୁନଶ୍ଚ ୨୦୫୧ ମସିହାରେ ତାହାର ପୁନରାଗମନ ହେବ। ସେହିପରି '୨୦୨୦ ସିଡି ୩' ନାମକ ଗ୍ରହାଣୁ ଅତି କ୍ଷୁଦ୍ର ଚନ୍ଦ୍ର ରୂପେ କିଛି ବର୍ଷ ଅବସ୍ଥାନ କଲାପରେ ୨୦୨୦ ମସିହାରେ ପୃଥିବୀର କକ୍ଷରୁ ବାହାରି ଯାଇଥିଲା। ଏପରି କି '୨୦୨୪ ପିଟି ୫'ର ମଧ୍ୟ ୨୦୫୫ ମସିହାରେ ଆଗମନ ହେବ।

ଏଭଳି 'ଅତି କ୍ଷୁଦ୍ର ଚନ୍ଦ୍ର'ମାନେ ଏବେ ଗ୍ରହାଣୁମାନଙ୍କରେ ଖଣି ଖନନ ମହାକାଶ ଅନୁଧ୍ୟାନ ଭଳି କ୍ଷେତ୍ରରେ ଅଧ୍ୟୟନ ପାଇଁ ସହାୟକ ହୋଇଛନ୍ତି। ପୁନଶ୍ଚ ତାହା ଆମ ଗ୍ରହର ସାନ ସାନ ମହାକାଶ ପିଣ୍ଡମାନଙ୍କ ସହିତ ସଦା ପରିବର୍ତ୍ତନଶୀଳ ସମ୍ପର୍କ ବୁଝିବାରେ ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ସମର୍ଥ କରିଛି।

**– ପ୍ର. ରମେଶ ଚନ୍ଦ୍ର ପରିଡ଼ା**
ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର,
ଭୁବନେଶ୍ୱର–୩୦
ମୋ : ୯୯୩୭୩୦୧୪୬୦

# ଆ ଇ ନା



ରିୟାଂଶ ତନ୍ଭିଶ୍
୫ ବର୍ଷ/କୋରାପୁଟ



ଆର୍ୟନ୍ ଆଲେକ୍ଜାଣ୍ଡର ଦାଶ
୧୦ ବର୍ଷ/ଭୁବନେଶ୍ୱର